# ବନ୍ଦୀଶାଳା[୧]

କୁଆଁ କୁଆଁ ଭାବ
ଶୁଭିଲାଣି ଶବ୍ଦମାନଙ୍କର ।

ଏବେ ବାକି ଅଛି ଅଳ୍ପ ବେଳେ
ଖୋଲିଯିବାକୁ ବନ୍ଦୀଘର ।।
ତମେ ପ୍ରସ୍ତୁତ ହୋଇଯାଅ
ଓଁକାର ଧ୍ୱନିଟିଏ ମୁକୁଳି ଯିବ
ଶତାବ୍ଦୀର ମୌନତାକୁ ଚିରିଚିରି
ଶେଷ କ୍ଷୁଧାର ସଂଳାପ ଶୁଭିବ ।।

ମନେରଖ ତମକୁ
ଅତିକ୍ରମ କରିବାକୁ
ହେବ ହିଁ ହେବ
ଛାଇ ପରି ଉଭେଇ ଯାଉଥିବା
ଶୂନ୍ୟତାର ଶୁଷ୍କ ସ୍ରୋତ ।।

ଭୁଲିଯିବାକୁ ହେବ
ସଂପର୍କର ଗଜଲ
ଡେଇଁ ଯିବାକୁ ହେବ
ରାସତାର ଚିହ୍ନ– କୃଷ୍ଣଚୂଡ଼ା ଗଛ ।।

ଏବେ ସନ୍ଧ୍ୟା ହେବ
ଯମୁନାର ସ୍ରୋତରେ ସ୍ରୋତରେ ।
ଧିରେ ଧିରେ
ଫୁଲ ସବୁ କଣ୍ଟା ପାଲଟିବେ
କଣ୍ଟା ସବୁ ସାପ ।।

ବାଟ ଆଉ କିଛି ଲମ୍ବିଯିବା
ପରେ ପରେ
ଲଙ୍ଗଳା ଦିଗନ୍ତ ହାତ ଠାରିବ
ଏବଂ ଖୋଲିଯିବ
ନିବୁଜତାର ଦ୍ୱାର ।।

---
[୧] ଇସ୍ତାହାର – ମେ ଜୁନ୍ – ୧୯୯୮

ଭିଜା ଭିଜା ହେଲେ ବି
ମାଆର ପଣତ
ଉଷୁମ ଲାଗୁଥିବ
ଅନ୍ୟ କାହାରି ଶବ୍ଦ
ନିଜର ପରି କାନକୁ ଶୁଭିବ ।।

ଅପେକ୍ଷା କର ଆଉ
ଅଳ୍ପ ସମୟ
ହେଇ ବନ୍ଦୀଶାଳାର ଜଞ୍ଜିର
ଖୋଲି ଦେବାକୁ
ରାତ୍ରି କେତେ ତରତର!!